# Meeting between Prime Minister and H.E. Dr. Angela Merkel, Chancellor of the Federal Republic of Germany on the sidelines of the G20 Leaders Summit

October 31, 2021

## ପ୍ରଧାନମନ୍ତ୍ରୀ ଏବଂ ଜର୍ମାନ ଚାନସେଲର ମହାମାନ୍ୟ ଡକ୍ଟର ଆଞ୍ଜେଲା ମର୍କେଲଙ୍କ ମଧ୍ୟରେ ଜି -20 ନେତୃବୃନ୍ଦ ସମ୍ମିଳନୀ ଅବସରରେରେ ବୈଠକ ହୋଇଥିଲା

**ଅକ୍ଟୋବର 31, 2021**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୩୧ ଅକ୍ଟୋବର 2021 ରେ ଇଟାଲୀର ରୋମରେ ଅନୁଷ୍ଠିତ ଜି - ୨୦ ଶିଖର ସମ୍ମିଳନୀ ଅବସରରେ ଜର୍ମାନ ଚାନସେଲର ଡକ୍ଟର ଆଞ୍ଜେଲା ମର୍କେଲଙ୍କୁ ସାକ୍ଷାତ କରିଥିଲେ ।

ସେମାନଙ୍କର ଦୀର୍ଘ ଦିନର ସହଯୋଗ ଏବଂ ବ୍ୟକ୍ତିଗତ ବନ୍ଧୁତାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କେବଳ ଜର୍ମାନୀ ନୁହେଁ ୟୁରୋପୀୟ ଏ ବଂ ବିଶ୍ୱ ସ୍ତରରେ ମଧ୍ୟ ତାଙ୍କ ନେତୃତ୍ୱ ପାଇଁ ଚାନସେଲର ମର୍କେଲଙ୍କୁ ପ୍ରଶଂସା କରିଥିଲେ । ଡକ୍ଟର ମର୍କେଲଙ୍କ ଉତ୍ତରାଧିକାରୀଙ୍କ ସହ ଘନିଷ୍ଠ ରଣନୀତିକ ଭାଗିଦାରୀ ବଜାୟ ରଖିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ ।

ଦୁଇ ନେତା ଭାରତ ଏବଂ ଜର୍ମାନୀ ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସହଯୋଗରେ ସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ସେମାନଙ୍କର ବାଣିଜ୍ୟ ଏ ବଂ ପୁଞ୍ଜି ବିନିଯୋଗ ସମ୍ପର୍କକୁ ଆହୁରି ଗଭୀର କରିବାକୁ ପ୍ରତିଶୃତି ଦେଇଛନ୍ତି । ଗ୍ରୀନ୍ ହାଇଡ୍ରୋଜେନ୍ ସମେତ ନୂତନ କ୍ଷେତ୍ରକୁ ଭାରତ-ଜର୍ମାନୀ ରଣନୀତିକ ଭାଗିଦାରୀର ପରିସର ବିସ୍ତାର କରିବାକୁ ସେମାନେ ସହମତ ହୋଇଥିଲେ ।

ପ୍ରଧାନମନ୍ତ୍ରୀ ଡକ୍ଟର ମର୍କେଲଙ୍କୁ ଶୁଭେଚ୍ଛା ଜଣାଇ ଭବିଷ୍ୟତରେ ତାଙ୍କୁ ଭାରତ ଗସ୍ତ କରିବାକୁ ଆମନ୍ତ୍ରଣ କରିଥିଲେ ।

ରୋମ୍,
**ଅକ୍ଟୋବର 31, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.